ଜାନୁୟାରୀ ୨୦୨୪

# ବସୁନ୍ଧରା ବାର୍ତ୍ତା

VASUNDHARA
democratizing natural resource governance

Vasundhara Newsletter, 14th February

KIIT Square, Plot No. #1731/C, Das Mohapatra Complex, Opposite of Sai Villa PO: KIIT Campus, Dist:, Patia Station Road, Patia, Bhubaneswar, Odisha 751024



## ସାରାଂଶ :

- ୫ ଜଙ୍ଗଲ ଗାଁ ହେବ ରାଜସ୍ୱ ଗାଁ
- ଗ୍ରାମସଭା
- ବୈଠକ ଓ ତାଲିମ
- ସରକାରୀ ଅଧିକାରୀଙ୍କ ପାଇଁ ତାଲିମ
- ଜଙ୍ଗଲ ଅଧିକାର ସାଥୀଙ୍କ ପାଇଁ ଏଫ୍‌ଆର୍‌ଏ କିଟ୍
- ଏମ୍‌ଜେଜେୱାଇ ପାଇଁ କାର୍ଯ୍ୟକ୍ରମ
- ପିଭିଟିଜିଙ୍କ ଅଧିକାର ପାଇଁ ବସୁନ୍ଧରା
- ଶିଶିର ଶରସ ମେଳାରେ ବନଜାତ
- ବିଭିନ୍ନ ଜିଲ୍ଲାରେ ଏଫ୍‌ଆର୍‌ଏ କିଟ୍ ବଣ୍ଟନ

## ୫ ଜଙ୍ଗଲ ଗାଁ ହେବ ରାଜସ୍ୱ ଗାଁ; ମିଳିଲା ଅନୁମୋଦନ

ଜଙ୍ଗଲ ଗାଁକୁ ରାଜସ୍ୱ ଗାଁରେ ପରିଣତ କରିବା ପାଇଁ ନିକଟରେ କେନ୍ଦୁଝର ଜିଲ୍ଲାସ୍ତରୀୟ କମିଟି ୫ଟି ପ୍ରସ୍ତାବକୁ ଅନୁମୋଦନ କରିଛି । ସେଥିମଧ୍ୟରେ ରହିଛି ରୁଗୁଡିପମ୍ପା, ପାଙ୍ଗନଳା, ତିଗିରିଆ, ଆଲୁଟୋମା ସଂରକ୍ଷିତ ଜଙ୍ଗଲ ଓ ମହାବୀରପୋଷି ତାଲବେଡା ସାହି । ଅନୁମୋଦିତ ହୋଇଥିବା ସମୁଦାୟ କ୍ଷେତ୍ର ହେଉଛି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ତହସିଲ ଅଧୀନରେ ରହିଥିବା ୩୫୪୮.୫୫୦୨ ଏକର ଜଙ୍ଗଲ ଜମି ।

ବନବାସୀଙ୍କୁ ସେମାନଙ୍କର ନାର୍ଯ୍ୟ ଅଧିକାର ପ୍ରାପ୍ତ କରାଇବା ଦିଗରେ ସାହାଯ୍ୟ ପାଇଁ ବସୁନ୍ଧରା ଉପରୋକ୍ତ ସମସ୍ତ ଗାଁକୁ ପ୍ରାରମ୍ଭିକ ପରିଦର୍ଶନରେ ଯାଇ ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲା। ଗାଁର ପୁରୁଖା ଲୋକ, ମୁଖିଆ, ସମ୍ପ୍ରଦାୟର ମୁଖିଆ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଏହି ସାକ୍ଷାତକାରରେ ସାମିଲ ଥିଲେ ।

ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା ଗାଁ ଲୋକଙ୍କୁ ଜଙ୍ଗଲ ଅଧିକାର ଆଇନ ବାବଦରେ ସଚେତନ କରିବା, ସେମାନେ କିପରି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପାଇଁ ଦାବି ଉପସ୍ଥାପନ କରିପାରିବେ । ସ୍ୱେଚ୍ଛାସେବୀ ସଙ୍ଗଠନ ବସୁନ୍ଧରାର ଏଭଳି ଆଲୋଚନା ପରେ ସ୍ଥାନୀୟ ସରପଞ୍ଚ ଏହି ସମସ୍ୟାର ସମାଧାନ ପାଇଁ ଏକ ଫୋରମ ଗଠନ କରିବାର ଆବଶ୍ୟକତା ଅଛି ବୋଲି କହିଥିଲେ । କେବଳ ସେତିକି ନୁହେଁ ସରପଞ୍ଚ ଏ ନେଇ ଗ୍ରାମସଭା ଡକାଯିବା କଥା ଓ ବିଭିନ୍ନ ଗାଁରେ ଗ୍ରାମସଭା ପାଇଁ ତାରିଖ ଚୂଡାନ୍ତ କରିଥିଲେ ।

ପରେ ଜଙ୍ଗଲ ଅଧିକାର କମିଟି (ଏଫ୍‌ଆର୍‌ସି) ଏଥିରେ ସଂପୃକ୍ତ ହୋଇ ଗ୍ରାମବାସୀଙ୍କୁ ସେମାନଙ୍କର ଦାବି ଉପସ୍ଥାପନ ପ୍ରକ୍ରିୟା ଆରମ୍ଭ କରିବା

ଦିଗରେ ସାହାଯ୍ୟ କରିଥିଲା । ଗ୍ରାମବାସୀମାନେ ମଧ୍ୟ ଏହି ପ୍ରକ୍ରିୟାରେ ସକ୍ରିୟ ଅଂଶ ଗ୍ରହଣ କରି ସେମାନଙ୍କର ପାରମ୍ପରିକ ସୀମା ନିର୍ଦ୍ଧାରଣ କରିବା ସହ ଏହାକୁ ହାତରେ ଅଙ୍କନ କରିଥିଲେ । ଏହି ଚିହ୍ନଟ ପ୍ରକ୍ରିୟାରେ ଗାଁ ଲୋକେ ସେମାନଙ୍କର ଜମି, ସମାଧି ସ୍ଥଳ, ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଲଘୁବନଜାତ ଦ୍ରବ୍ୟ ଓ ତା'ହାର ସ୍ଥାନ ଆଦିକୁ ଗୁରୁତ୍ୱ ଦେଇଥିଲେ । ଉଭୟ ଜଙ୍ଗଲ ଓ ରାଜସ୍ୱ ବିଭାଗର ଅଧିକାରୀମାନେ ମିଳିତ ଭାବେ ଏହି ବିବରଣୀ ସବୁ ଯାଞ୍ଚ କରିଥିଲେ ।

ଏହାପରେ ସରକାରୀ କର୍ମଚାରୀଙ୍କ ସହାୟତାରେ ସରପଞ୍ଚଙ୍କ ଦ୍ୱାରା ୫ଟି ପ୍ରସ୍ତାବ କୁ ଅନୁମୋଦନ ପାଇଁ ଚୂଡାନ୍ତ ଗ୍ରାମସଭାର ଆୟୋଜନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ଦାବିଗୁଡିକ ଉପଖଣ୍ଡସ୍ତରୀୟ କମିଟିକୁ ନିଆଯାଇଥିଲା; ଯାହାକି ଏବେ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ହୋଇ ସାରିଛି ।

### ଗ୍ରାମସଭା

**ମଶାବାଡି, କର୍ଚ୍ଚାବାଡି, ଡିମିରିମୁଣ୍ଡା, ରିଶିଆ, ବଡଝିଲ୍ଲୀ, ଗୋହୀରଗାଡିଆ, ତରଭା, ଧୋଳମାସ୍କା ଆଦି ଗାଁରେ ଗ୍ରାମସଭା ଆୟୋଜିତ ହୋଇଯାଇଛି । ଏସବୁ ଗାଁଗୁଡିକ ଖୋର୍ଦ୍ଧା, ସମ୍ବଲପୁର, ମୟୂରଭଞ୍ଜ, ଯାଜପୁର ଓ ଗଜପତି ଜିଲ୍ଲାର ଅଟେ ।**

## ବୈଠକ ଓ ତାଲିମ

- ଖୋର୍ଦ୍ଧା ଜିଲ୍ଲାର ନିଳାଦ୍ରୀପ୍ରସାଦ ପଞ୍ଚାୟତର ଜୁଆଳିଆମ୍ବା ଗାଁରେ ଆଇଏଫ୍‌ଆର୍, ସିଏଫ୍‌ଆରକୁ ନେଇ ଥିବା ଦାବି ଉପସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି ।
- ରାୟଗଡା ଜିଲ୍ଲାର ଗୁଣୁପୁର ବ୍ଲକ୍‌ରେ ମିଳିତ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଓ ପଞ୍ଚାତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ପାଇଁ ଏଫ୍‌ଆର୍‌ଏ ସଂଯୋଜକ, ଏମ୍‌ଆଇଏସ୍ କର୍ମଚାରୀ ଓ ବସୁନ୍ଧରାର କ୍ଷେତ୍ର ସଂଯୋଜକଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି ।
- ମୋ ଜଙ୍ଗଲ ଜମି ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଡିସେମ୍ବର ମାସରେ ୨୧ଟି ବ୍ଲକ୍‌ସ୍ତରୀୟ ଓ ଦୁଇଟି ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏସବୁ ତାଲିମ କାର୍ଯ୍ୟକ୍ରମଗୁଡିକ ବାଲେଶ୍ୱର, ସମ୍ବଲପୁର, ନୟାଗଡ, ଗଜପତି, ରାୟଗଡା, ଯାଜପୁର ଓ ନୟାଗଡ ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି ।

## ସରକାରୀ କାର୍ଯ୍ୟକର୍ତ୍ତାଙ୍କ ପାଇଁ ତାଲିମ



ଜାନୁୟାରୀ ଶେଷ ସପ୍ତାହରେ ଗୋପବନ୍ଧୁ ଏକାଡେମୀର ପ୍ରଶାସିନକ ବିଲଡିଂରେ; ସରକାରୀ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏକ ତିନି ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଅଧିକାର ଆଇନ ୨୦୦୬, ଜମି ଅଧିକାର ଓ ରେକର୍ଡ ସଂଶୋଧନ ଭଳି ଜଟିଳ ବିଷୟ ଉପରେ ଆଲୋଚନା କରାଯାଇଥିଲା ।

ସରକାରୀ ଅଧିକାରୀଙ୍କ ଦକ୍ଷତା ବିକାଶ ପାଇଁ ସବୁବେଳେ ପ୍ରୟାସ ଜାରି ରଖିଥିବା ଏହି ଅନୁଷ୍ଠାନ ଚଳିତ ତାଲିମକୁ କେନ୍ଦ୍ର ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ପର୍ସନେଲ ଆଣ୍ଡ ଟ୍ରେନିଂ ସହଯୋଗରେ ଆୟୋଜିତ କରିଥିଲା ।

ଏହି କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଆରାଧନା ଦାସ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଓ ରାଜସ୍ୱ ବିଭାଗର ୨୫ ଜଣ ଅଧିକାରୀ ଯୋଗ ଦେଇଥିଲେ ।

ଆୟୋଜିତ ଏହି ତିନି ଦିନିଆ କାର୍ଯ୍ୟକ୍ରମ ୧୧ଟି ଅଧିବେଶନରେ ଶେଷ ହୋଇଥିଲା । ସମସ୍ତ ଅଧିବେଶନର ମୂଳ ପ୍ରସଙ୍ଗ ଥିଲା ଜଙ୍ଗଲ ଅଧିକାର ଅଧୀନିୟମ ୨୦୦୬, ଭୂମି ଅଧିକାର, ରେକର୍ଡ ଅଫ୍ ରାଇଟ୍ସର ସଂଶୋଧନ(ଖତିଆନ/ ଜମି ପଟ୍ଟା)) ଓ ଜମି ବିବାଦ ।

ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଥିଲା ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଅଧୀନରେ ମହିଳା ଏବଂ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଭୂମି ଅଧିକାର ପ୍ରସଙ୍ଗ ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବସୁନ୍ଧରାଦୁଇଟି ଅଧୀବେଶନରେ ନିଜର ଅଭିମତ ପ୍ରକାଶ କରିଥିଲା । ସେଗୁଡିକ ହେଲା 'ଜଙ୍ଗଲ ଅଧିକାର ଆଇନ ୨୦୦୬ ;ଏକ ସମୀକ୍ଷା' ଓ 'ଜଙ୍ଗଲ ଅଧିକାର ଆଇନ ଏବଂ ଓଡିଶାରେ ଏହାର କାର୍ଯ୍ୟକାରିତା । ସୂଚନାଯୋଗ୍ୟ ୨୦୧୨ ମସିହାରୁ ଗୋବବନ୍ଧୁ ଏକାଡେମୀ ଦ୍ୱାରା ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ବସୁନ୍ଧରା ନିଜର ଅଂଶିଦାରିତା ଦେଖାଇ ଆସିଛି ।

## ଜଙ୍ଗଲ ଅଧିକାର ସାଥୀଙ୍କ ପାଇଁ ଏଫ୍‌ଆର୍‌ଏ କିଟ୍




ରାଜ୍ୟରେ ମୋ ଜଙ୍ଗଲ ଜମି ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ସହ ଜଙ୍ଗଲ ଅଧିକାରୀ ସାଥୀମାନଙ୍କୁ ସାହାଯ୍ୟ କରିବା ପାଇଁ ବସୁନ୍ଧରା ପକ୍ଷରୁ 'ଏଫ୍‌ଆର୍‌ଏ କିଟ ବଣ୍ଟନ' ଭଳି ଏକ ପଦକ୍ଷେପ ନିଆଯାଇଛି ।
ଏଥିପାଇଁ ବସୁନ୍ଧରା ପକ୍ଷରୁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ପ୍ରତିଷ୍ଠାନ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

୨୦୨୪, ଜାନୁୟାରୀ ୧୮ ତାରିଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ଯୋଗଦେଇ ସ୍ୱଗତ ଅଭିଭାଷଣ ମାଧମରେ ଏଫ୍‌ଆର୍‌ଏ କିଟର ଗୁରୁତ୍ୱ ଓ ଏହା କିପରି ଜଙ୍ଗଲ ଅଧିକାର ସାଥୀଙ୍କୁ ସାହାଯ୍ୟ କରିବ ତା' ଉପରେ ଆଲୋକପାତ କରିଥିଲେ ।

ସେ କହିଥିଲେ ବସୁନ୍ଧରା ପକ୍ଷରୁ ପ୍ରଦାନ କରାଯାଉଥିବା ଏଫ୍‌ଆର୍‌ଏ କିଟ୍ ଜଙ୍ଗଲ ସାଥୀଙ୍କ ପାଇଁ ମାର୍ଗଦର୍ଶିକା ଭାବେ କାମ କରିବ । ତେବେ ଜଙ୍ଗଲ ଅଧିକାର ଟାଇଟଲ୍ ପାଇଁ ଯୋଗ୍ୟ ହିତାଧିକାରୀଙ୍କ ମାମଲାଗୁଡ଼ିକୁ ପ୍ରତ୍ୟାଖ୍ୟାନ କରାଯାଉଥିବା ବେଳେ ଏହି ସଂଖ୍ୟା ଉଦ୍‌ବେଗଜନିତ ।

କାର୍ଯ୍ୟକ୍ରମରେ ବସୁନ୍ଧରାର ନିର୍ଦ୍ଦେଶକ ୱାଇ ଗିରି ରାଓ ଯୋଗଦେଇ ଏଫ୍‌ଆର୍‌ଏ କିଟ୍ ଉପରେ ସମ୍ୟକ ଧାରଣା ପ୍ରଦାନ କରି କହିଥିଲେ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କିଟ୍‌ର ବିଷୟବସ୍ତୁକୁ ଅତି ନିଖୁଣ ଭାବେ ପ୍ରସ୍ତୁତ କରାଯାଇଛି ।
ଯାହାକି ବ୍ୟକ୍ତିଗତ ସ୍ତରରେ ସମସ୍ତ ସାଥୀଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ । ତେବେ କିଟ୍ ଭିତରେ ଥିବା ଆଇସି ସାମଗ୍ରୀଗୁଡ଼ିକ ବିଶେଷ କରି ତୃଣମୂଳସ୍ତରରେ କାମ କରୁଥିବା ସ୍ୱେଚ୍ଛାସେବୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ।

## ମୋ ଜଙ୍ଗଲ ଜମି ଯୋଜନା ପାଇଁ କାର୍ଯ୍ୟକ୍ରମ

- ସମ୍ପ୍ରଦାୟ (କମ୍ୟୁନିଟି) ପାଇଁ କାମ କରୁଥିବା ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ନୟାଗଡ ଜିଲ୍ଲାର ଦଶପଲ୍ଲା ଓ ଗଣିଆ ବ୍ଲକ୍‌ରେ ମିଳିତ ଭାବେ ଆୟୋଜିତ ହୋଇଯାଇଛି ।
- ଧର୍ମଶାଳା ବ୍ଲକ୍ ସମ୍ମିଳନୀ କକ୍ଷରେ ମୋ ଜଙ୍ଗଲ ଜମି ଯୋଜନା ଉପରେ ବ୍ଲକ୍‌ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।
- ସମ୍ବଲପୁର ଜିଲ୍ଲାର ମାନେଶ୍ୱର ବ୍ଲକ୍ ସମ୍ମିଳନୀ କକ୍ଷରେ ଜଙ୍ଗଲ ଅଧିକାର ଅଧୀନିୟମ ଅନ୍ତର୍ଗତ ମୋ ଜଙ୍ଗଲ ଜମି ଯୋଜନା ଉପରେ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।
- କମ୍ୟୁନିଟି ସ୍ୱେଚ୍ଛାସେବୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ନୂଆଗାଁ ବ୍ଲକ୍ ସମ୍ମଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।
- ଖଣ୍ଡପଡା ବ୍ଲକ୍ ସମ୍ମିଳନୀ କକ୍ଷରେ ଖଣ୍ଡପଡା ଓ ଭାପୁର ବ୍ଲକ୍‌ରେ କାମ କରୁଥିବା କମ୍ୟୁନିଟି ସ୍ୱେଚ୍ଛାସେବୀଙ୍କ ତାଲିମ ଶିବିର ଆୟୋଜିତ ହୋଇଯାଇଛି ।
- ଜଙ୍ଗଲ ଅଧିକାର ଅଧୀନିୟମ ଅଧୀନରେ 'ମୋ ଜଙ୍ଗଲ ଜମି ଯୋଜନା' ପାଇଁ ଏକ ସମ୍ପ୍ରଦାୟସ୍ତରୀୟ ସ୍ୱେଚ୍ଛାସେବୀ ତାଲିମ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ବଡସାହି ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି ।
- ମୋ ଜଙ୍ଗଲ ଜମି ଯୋଜନା' ପାଇଁ ଏକ ସମ୍ପ୍ରଦାୟସ୍ତରୀୟ ସ୍ୱେଚ୍ଛାସେବୀ ତାଲିମ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ତହସିଲରେ ଅନୁଷ୍ଠିତ ହୋଇଯାଇଛି ।
- ବ୍ୟକ୍ତିଗତ ଜଙ୍ଗଲ ଅଧିକାର, ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଓ ଏହାକୁ ନେଇ ରହିଥିବା ଦାବି ଉପସ୍ଥାପନ ପ୍ରକ୍ରିୟା ବୈଠକ ମିଳିତ ଭାବେ ଖୋର୍ଦ୍ଧା ଜିଲ୍ଲାର ଜୁଆଳିଆମ୍ବା ଗାଁରେ ଅନୁଷ୍ଠିତ ହୋଇଯାଇଛି ।



# ପିଭିଟିଜିଙ୍କ ଅଧିକାର ପାଇଁ ବସୁନ୍ଧରାର ସହଯୋଗ



ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍‌ର ନୂଆ ଗାଁ । ଏକ ଅଣସର୍ବେକ୍ଷଣ ହୋଇଥିବା ଗାଁ । ଯେଉଁଠି ରହନ୍ତି ୩୯ ପରିବାର । ଗାଁଟା ଯାକର ସବୁଲୋକ ଅନୁସୂଚିତ ଜନଜାତି ବର୍ଗର କହିଲେ ଚଳେ । ଦୀର୍ଘ ବର୍ଷ ହେବ ଗାଁକୁ ପହଞ୍ଚିପାରିନି ମୌଳିକ ସୁବିଧା ।

ଲୋକଙ୍କୁ କିପରି ସରକାରଙ୍କ ସମସ୍ତ ସୁବିଧା ମିଳିବ ସେଥିପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ବସୁନ୍ଧରାର ଏକ ଦଳ ଜାନୁୟାରୀ ୧୬ ତାରିଖରେ ଗାଁକୁ ଗସ୍ତ କରିଥିଲେ । ଆଉ ଗ୍ରାମବାସୀଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟା ବାବଦରେ ପଚାରି ବୁଝିଥିଲେ । ଗସ୍ତ ଦଳରେ ଥିଲେ ବସୁନ୍ଧରାର ନିର୍ଦ୍ଦେଶକ ୱାଇ ଗିରି ରାଓ, ଟେନ୍ୟୁରିଆଲ୍ ସିକ୍ୟୁରିଟି ଦଳର ମୁଖ୍ୟ ଅରବିନ୍ଦ ରାଉତ, ଜିଆଇଏସ୍ ବିଶେଷଜ୍ଞ ସ୍ୱପ୍ନେଶ୍ୱର ଦେହୁରୀ ଓ ଗଜପତି ଜିଲ୍ଲାର ଜଙ୍ଗଲ ଅଧିକାର ଅଧୀନିୟମ ସେଲ୍‌ର ଅଧିକାରୀ ।

ଗାଁ ପରିଦର୍ଶନ ପରେ ଗଜପତି ଜିଲ୍ଲା ପ୍ରଶାସନ ସହାୟତାରେ ଏହି ଅଣ ସର୍ବେକ୍ଷଣ ଗାଁକୁ ରାଜସ୍ୱ ଗାଁରେ ପରିଣତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି ।

ବସୁନ୍ଧରାର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନିର୍ଦ୍ଦେଶକ ଜିଲ୍ଲାରେ ଥିବା ସଉରା ଜନଜାତି (ପିଭିଟିଜି)ଙ୍କୁ କିପରି ସେମାନଙ୍କର ବାସସ୍ଥାନ ଅଧିକାର ମିଳିବ ଓ ସେମାନଙ୍କ ପାଇଁ ରହିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ସୁବିଧା ତ୍ୱରାନ୍ୱିତ ହେବ ସେ ଦିଗରେ ସକ୍ରିୟ ଭାବେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

ସଉରା ଜନଜାତିଙ୍କ ବିକାଶ ପାଇଁ କାମ କରୁଥିବା ସ୍ୱତନ୍ତ୍ର ଏଜେନ୍ସିର ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଅନୁଷ୍ଠାନର ଅଧକ୍ଷ ଶ୍ରୀ ରାଓ ପିଭିଟିଜି ସମ୍ପ୍ରଦାୟଙ୍କୁ କିପରି ମୋ ଜଙ୍ଗଲ ଜମି ଯୋଜନାର ସୁବିଧା ମିଳିପାରିବ ସେ ଉପରେ ଆଲୋଚନା କରିଥିଲେ ।

ଏହାସହ ମୋରଡା ତହସିଲଦାରଙ୍କ ସହ ପ୍ରଶାସନିକ ପ୍ରକ୍ରିୟା ଦ୍ୱାରା କିପରି ଏହି ଗାଁ ଜଙ୍ଗଲ ଗାଁରୁ ରାଜସ୍ୱ ଗାଁକୁ ପରିବର୍ତ୍ତିତ ହୋଇ ପାରିବ ଓ ପିଭିଟିଜି ସମ୍ପ୍ରଦାୟ ସେମାନଙ୍କର ବାସସ୍ଥଳୀର ଅଧିକାର ପାଇପାରିବେ ସେ ଉପରେ ଆଲୋଚନା କରିଥିଲେ ।

# ଶିଶିର ଶରସ ମେଳାରେ ବନଜାତ

ଡିସେମ୍ବର ମାସରେ ଜନତା ମଇଦାନ ପରିସରରେ ଆୟୋଜିତ ଶିଶିର ଶରସ ମେଳାରେ ବନଜାତ ଅଂଶ ଗ୍ରହଣ କରିଥିଲା । ଯେଉଁଠି ବନଜାତ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରୁ ସଂଗ୍ରହ ହୋଇ



ଆସିଥିବା ବନଜାତ ସାମଗ୍ରୀ, ଲଘୁ ବନଜାତ ଦ୍ରବ୍ୟ ଆଦିର ବିକ୍ରିବଟା କରାଯାଇଥିଲା ।

ଏହି ସମାଗ୍ରୀ ଭିତରେ ବାଉଁଶ ଓ କୋଇଲାରୁ ପ୍ରସ୍ତୁତ ସାବୁନ, ନିମ୍ବ ଓ ହଳଦୀରୁ ପ୍ରସ୍ତୁତ ଫିନାଇଲ ଆଦିର ଆଦୃତି ସବୁଠାରୁ ବେଶୀ ଥିଲା ।
ଏହାବାଦ ବନଜାତ ଦ୍ୱାରା ମେଳାରେ ଝୁଣା, ପାଳୁଅ, ମହୁ, ରିଠା, ବିଭିନ୍ନ ପ୍ରକାର ଡାଲି ଜାତୀୟ ସାମଗ୍ରୀ, ଆମ୍ବୁଲ ଆଦି ବିକ୍ରି କରାଯାଇଥିଲା ।
ପୁରା ମେଳାରେ ବନଜାତ ଦ୍ୱାରା ପାଖାପାଖି ୩୨ ହଜାର ଟଙ୍କାର ବିକ୍ରିବଟା ହୋଇ ପାରିଥିଲା ।



ନୟାଗଡର ଗଣିଆ ବ୍ଲକ୍



ମୟୂରଭଞ୍ଜର ରରୁଆଁ ତହସିଲ



ମୟୂରଭଞ୍ଜର ଯଶୀପୁର ତହସିଲ



ନୟାଗଡର ଦଶପଲ୍ଲା ବ୍ଲକ୍



ମୟୂରଭଞ୍ଜର କରଞ୍ଜିଆ ତହସିଲ



ମୟୂରଭଞ୍ଜର ଶୁକ୍ଳି ତହସିଲ

ବିଭିନ୍ନ ଜିଲ୍ଲାରେ ବଣ୍ଟାଯାଇଥିବା ଏଫ୍‌ଆର୍‌ଏ କିଟ୍